ଲିୱେଲିନ୍ ଫୁର୍ଟାଡୋ ଏବଂ ଅନ୍ୟମାନେ

ବନାମ

ଗୋଆ ସରକାର ଏବଂ ଅନ୍ୟମାନେ

ସେପ୍ଟେମ୍ବର 10,1997

[ଡଃ ଏ.ଏସ୍. ଆନନ୍ଦ ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 4,6,17— ନିର୍ଦ୍ଧାରିତ ଅବଧି ଶେଷ ହେବା ପରେ କରାଯାଇଥିବା ଧାରା 6 ଅଧୀନରେ ଘୋଷଣା— ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନରେ ଆପତ୍ତି କରାଯାଇଥିବା ଅଧିଗ୍ରହଣ— ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ପ୍ରାରମ୍ଭରୁ ପ୍ରତ୍ୟାଖ୍ୟାନ କରିଥିଲେ— ଦର୍ଶାଯାଇଛି, ଯେହେତୁ ତଥ୍ୟଗତ ଅଭିପ୍ରାୟଗୁଡ଼ିକ ବିବାଦୀୟ ନଥିଲା, ସେଗୁଡ଼ିକର ପ୍ରଭାବ ଉଚ୍ଚ ନ୍ୟାୟାଳୟ ଦ୍ୱାରା ବିଚାର କରାଯିବା ଆବଶ୍ୟକ ଥିଲା— ଯେହେତୁ ରିଟ୍ ଆବେଦନରେ ଯୁକ୍ତିଯୁକ୍ତ ପ୍ରସଙ୍ଗଗୁଡ଼ିକ ଉଠାଯାଇଥିଲା, ଉଚ୍ଚ ନ୍ୟାୟାଳୟ ଏହାର ଆଦେଶର ସମର୍ଥନରେ କାରଣ ପ୍ରଦାନ କରିବା ଉଚିତ ଥିଲା— ଆଇନ ଅନୁଯାୟୀ ନୂତନ ଫଏସଲା ପାଇଁ ଉଚ୍ଚ ନ୍ୟାୟାଳୟକୁ ମାମଲା ପଠାଗଲା ।*

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 226— ରିଟ୍ ଆବେଦନ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରାରମ୍ଭରୁ ପ୍ରତ୍ୟାଖ୍ୟାନ କରାଯାଇଛି— ଦର୍ଶାଯାଇଛି, କାରଣ ଦେବା ଦାୟିତ୍ୱ ସ୍ୱଷ୍ଟତା ପ୍ରବର୍ତ୍ତନ କରେ ଏବଂ ଯେକୌଣସି ପ୍ରକାରେ ସ୍ୱେଚ୍ଛାଚାରିତାର ସମ୍ଭାବନାକୁ ବାଦ ଦିଏ କିମ୍ବା ହ୍ରାସ କରେ— ଏହି ନ୍ୟାୟାଳୟ ସେହି କାରଣଗୁଡ଼ିକୁ ଯାଞ୍ଚ କରିବାରେ ବଞ୍ଚିତ ହୋଇଛନ୍ତି ଯାହା ଉଚ୍ଚ ନ୍ୟାୟାଳୟଙ୍କ ଠାରେ ରିଟ୍ ଆବେଦନକୁ ପ୍ରରମ୍ଭରୁ ପ୍ରତ୍ୟାଖ୍ୟାନ କରିବା ସମୟରେ ଥିଲା— ଆଇନ ଅନୁଯାୟୀ ନୂତନ ଭାବେ ଫଏସଲା କରିବା ପାଇଁ ମାମଲା ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଗଲା ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 850/1994 ।

ଡବ୍ଲ୍ୟୁ.ପି. ସଂଖ୍ୟା 472/1993ରେ ଗୋଆର ଉଚ୍ଚ ନ୍ୟାୟାଳୟ ବୋମ୍ବେଙ୍କ ତା6.10.93ରିଖ ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଧୃବ ମେହେତା, ଏସ୍.କେ. ମେହେତା, ଫଜଲିନ୍ ଆନମ୍ ଏବଂ ସୁଶ୍ରୀ ଶୋଭା ବର୍ମା ।

ଉତ୍ତରଦାତାମାନଙ୍କ ପାଇଁ ସୁଶ୍ରୀ ଏ. ସୁଭାଷିନୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ଦେୱାନୀ ଅପିଲ,24 ଅଗଷ୍ଟ 1993ରେ ନିଷ୍ପତ୍ତି ହୋଇଥିବା ରିଟ୍ ଆବେଦନ ସଂଖ୍ୟା 427/1993ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଏକ ଆଦେଶକୁ ପ୍ରଶ୍ନ କରିଛି । ଆକ୍ଷେପିତ ଆଦେଶଟି ଏହିପରି ରହିଛି:-

"ପ୍ରତ୍ୟାଖ୍ୟାନ କରାଗଲା ।

ଜମି ଅଧିଗ୍ରହଣ ଅଧିକାରିଙ୍କ ଦ୍ୱାରା ଦାଖଲ କରାଯାଇଥିବା ଉତ୍ତରକୁ ଦୃଷ୍ଟିରେ ରଖି ଆମେ ରିଟ୍ କ୍ଷେତ୍ରାଧିକାର ପ୍ରୟୋଗ କରିବାକୁ ଇଚ୍ଛୁକ ନାହୁଁ ।"

ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀ ଧୃବ ମେହେତା ଉପସ୍ଥାପନ କରିଛନ୍ତି ଯେ, ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ରିଟ୍ ଆବେଦନରେ ନିର୍ଦ୍ଦିଷ୍ଟ ଅଭିଯୋଗ କରାଯାଇଥିଲା ଯେ, ଅଧିଗ୍ରହଣ ପ୍ରକ୍ରିୟାକୁ ସୀମାବଦ୍ଧତାର ନିଷେଧାଜ୍ଞା ହେତୁ ବ୍ୟର୍ଥ କରାଯାଇଥିଲା । ଏହା ଦାବି କରାଯାଇଥିଲା ଯେ, ଜମି ଅଧିଗ୍ରହଣ ଅଧିନିୟମ ଧାରା 6 ଅନୁଯାୟୀ ଘୋଷଣା, ଧାରା 4 ଅନୁଯାୟୀ ଅଧିସୂଚନା ପ୍ରକାଶନ ତାରିଖ ଠାରୁ ଏକ ବର୍ଷ ଶେଷ ହେବା ପରେ କରାଯାଇଥିଲା ଯାହା ଘୋଷଣା ତଥା ଅଧିଗ୍ରହଣକୁ ବ୍ୟର୍ଥ କରିଥିଲା । ବିଜ୍ଞ ଅଧିବକ୍ତାଙ୍କ ଅନୁଯାୟୀ, ରିଟ୍ ଆବେଦନରେ ଅପିଲକାରୀମାନେ ଏକ ଆଳ ମଧ୍ୟ ଉଠାଇଥିଲେ ଯେ, ଧାରା 4 ଅନୁଯାୟୀ ଅଧିସୂଚନାର ପ୍ରଥମ ପ୍ରକାଶନ ତାରିଖ ଏବଂ ପରେ ସରକାରୀ ରାଜପତ୍ରରେ ସେହି ଅଧିସୂଚନାର ପ୍ରକାଶନ ମଧ୍ୟରେ ପ୍ରାୟ ଏକ ବର୍ଷର ଏକ ଅବୁଝା ଏବଂ ଅଯୌକ୍ତିକ ବ୍ୟବଧାନ ଥିଲା ଏବଂ ଏହି ତଥ୍ୟକୁ ଧ୍ୟାନରେ ରଖି ଯେ, ଜମି ଅଧିଗ୍ରହଣ ଅଧିନିୟମର ଧାରା 17 ଅନୁଯାୟୀ ଜରୁରୀକାଳୀନ ବ୍ୟବସ୍ଥା ଲାଗୁ କରାଯାଇଥିଲା, ସେହି ବ୍ୟବଧାନ 1984ରେ କରାଯାଇଥିବା ସଂଶୋଧନର ଉଦ୍ଦେଶ୍ୟକୁ ପରାସ୍ତ କରିବ । ଏହା ଦର୍ଶାଯାଇଥିଲା ଯେ, ଉଚ୍ଚ ନ୍ୟାୟାଳୟରେ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ପାଲଟା ସତ୍ୟପାଠରେ, ରିଟ୍ ଆବେଦନରେ ଏହି ଦୃଢ଼ୋକ୍ତିଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦିଆଯାଇ ନଥିଲା

କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ, ମାମଲାର ସେହି ଦୃଷ୍ଟିକୋଣକୁ ଯାଞ୍ଚ କରିନଥିଲେ ଏବଂ ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ରାୟ ରକ୍ଷଣୀୟ ହୋଇପାରିବ ନାହିଁ ।

ଆମେ ବିଜ୍ଞ ଅଧିବକ୍ତାଙ୍କ ଉପସ୍ଥାପନରେ ଦୃଢ଼ତା ପାଇଛୁ । ଉଚ୍ଚ ନ୍ୟାୟାଳୟ "ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉତ୍ତରକୁ ଦୃଷ୍ଟିରେ ରଖି" ରିଟ୍ ଆବେଦନକୁ ଖାରଜ କରିଦେଇଥିଲେ । କେଉଁ ବିବେଚନାରେ ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ପ୍ରାରମ୍ଭରୁ ଖାରଜ କରିଥିଲେ ତାହା ଆମେ ତର୍ଜମା କରିବାରେ ଅସମର୍ଥ ହୋଇଛୁ । ଯେହେତୁ, ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉତ୍ତରରେ, ତଥ୍ୟଗତ ଦୃଢ଼ୋକ୍ତିଗୁଡ଼ିକ ଖଣ୍ଡନ ହୋଇନଥିଲା, ସେଗୁଡ଼ିକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବିଚାର କରାଯିବା ଆବଶ୍ୟକ ଥିଲା । କୌଣସି କାରଣ ଦିଆଯାଇନାହିଁ ଏବଂ ଏହି ନ୍ୟାୟାଳୟ ସେହି କାରଣଗୁଡ଼ିକୁ ଯାଞ୍ଚ କରିବାରୁ ବଞ୍ଚିତ ହୋଇଛନ୍ତି ଯାହା ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ପ୍ରାରମ୍ଭରୁ ରିଟ୍ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ଥିଲା । କାରଣ ଦେବା ଦାୟିତ୍ୱ, ସ୍ୱଷ୍ଟତା ପ୍ରବର୍ତ୍ତନ କରେ ଏବଂ ଯେକୌଣସି ପ୍ରକାରେ ସ୍ୱେଚ୍ଛାଚାରିତାର ସମ୍ଭାବନାକୁ ବାଦ ଦିଏ କିମ୍ବା ହ୍ରାସ କରେ । ଯେହେତୁ, ରିଟ୍ ଆବେଦନରେ ଯୁକ୍ତିଯୁକ୍ତ ପ୍ରସଙ୍ଗଗୁଡ଼ିକ ଉଠାଯାଇଥିଲା, ବିଚାରପୀଠ ଏହାର ଆଦେଶର ସମର୍ଥନରେ ଯେତେ ସଂକ୍ଷିପ୍ତ ହେଉ, କିଛି କାରଣ ଦେବା ଉଚିତ ଥିଲା । ଅନ୍ତତଃ କହିବାକୁ ଗଲେ ଏହା ରିଟ୍ ଆବେଦନ ଫଏସଲାର ଏକ ଅସନ୍ତୋଷଜନକ ପଦ୍ଧତି ଥିଲା । ତେଣୁ, ଆମେ ଦେଖୁଛୁ ଯେ, ଆକ୍ଷେପିତ ଆଦେଶକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହି ଅପିଲକୁ ଗ୍ରହଣ କରୁଛୁ । ତା24 ଅଗଷ୍ଟ 1993ରିଖର ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶ ଆମେ ବାତିଲ କରୁଛୁ ଏବଂ ଆଇନ ଅନୁଯାୟୀ ଏହାର ନୂତନ ସମାଧାନ ପାଇଁ ମାମଲାକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଇଛୁ । ଏହି ଆବେଦନକୁ ଶୀଘ୍ର ଫଏସଲା କରିବା ପାଇଁ ଏକ ଖଣ୍ଡପୀଠ ସମ୍ମୁଖରେ ରଖିବାକୁ ଆମେ ଉଚ୍ଚ ନ୍ୟାୟାଳୟଙ୍କ ମାନ୍ୟବର ମୁଖ୍ୟ ନ୍ୟାୟାଧୀଶଙ୍କୁ ଅନୁରୋଧ କରୁଛୁ ।

ଏହି ନ୍ୟାୟାଳୟ କେବଳ 14 ଫେବୃଆରୀ, 1994ରେ ଦଖଲ ସମ୍ବନ୍ଧରେ ସ୍ଥିତାବସ୍ଥାର ଆଦେଶ ପ୍ରଦାନ କରିଥିଲେ । ରିଟ୍ ଆବେଦନ ଫଏସଲା ନହେବା ପର୍ଯ୍ୟନ୍ତ ସେହି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ କାର୍ଯ୍ୟକାରୀ ରହିବ ।

ଆମେ ସ୍ୱଷ୍ଟ କରୁଛୁ ଯେ, ଏଠାରେ ଉପରେ କୁହାଯାଇଥିବା କୌଣସି କଥାକୁ ବିବାଦର ଗୁଣବତ୍ତା ଉପରେ କୌଣସି ମତ ଅଭିବ୍ୟକ୍ତି ଭାବରେ ବିବେଚନା କରାଯିବ ନାହିଁ ।

ଉପରୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଅପିଲ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଅପିଲକୁ ଅନୁମତି ଦିଆଯାଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।